ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Energy (OD)/ 1184/01-02-2021**

# ଶିଳ୍ପ ବିଭାଗରେ ୫-'ଟି' ଓ 'ମୋ ସରକାର' କାର୍ଯ୍ୟକାରିତା ନେଇ ସମୀକ୍ଷା

## ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟାକୁ ସୁଗମ ପରିବର୍ତ୍ତେ ଅଡୁଆ ଗଲେ ଦଣ୍ଡିତ ହେବେ ସଂପୃକ୍ତ ଅଧିକାରୀ : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର, ତା.୦୧/୦୨/୨୦୨୧

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟାକୁ ସୁଗମ କରିବା ସ୍ଥଳେ କୌଣସି ଅଧିକାରୀ ଏଥିରେ ଅଡୁଆ ସ୍ଥିତି ସୃଷ୍ଟି କରନ୍ତି ତେବେ ସଂପୃକ୍ତ ଅଧିକାରୀ ଏଥି ପାଇଁ ଦଣ୍ଡିତ ହେବେ ବୋଲି ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଆଜି ବିଭାଗର ୫-'ଟି' ଓ 'ମୋ ସରକାର' କାର୍ଯ୍ୟକାରିତା ଉପରେ ସମୀକ୍ଷାବେଳେ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ମୋ ସରକାରର ଉଦ୍ଦେଶ୍ୟ ହିଁ ଲୋକଙ୍କୁ ସହଯୋଗ କରିବା । ତେଣୁ ଏଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ସେ ତାଗିଦ୍ କରିଥିଲେ । ଏହି ସମୀକ୍ଷାରେ ଶିଳ୍ପ ବିଭାଗରେ ମେକ୍ ଇନ୍ ଓଡ଼ିଶା ଅଧୀନରେ ୨୦୧୬ ମସିହାରୁ ୨୦୧୮ ଯାଏଁ ହୋଇଥିବା ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ୨୦୧୬ରେ ୬୧ଟି ପ୍ରକଳ୍ପ ବିଭାଗର ହସ୍ତଗତ ହୋଇଥିବାବେଳେ ନୀତିଗତ ଭାବେ ୫୦ଟିକୁ ମଂଜୁରୀ ପ୍ରଦାନ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ୨୯ଟି ଶିଳ୍ପ ସଂସ୍ଥାର ନିର୍ମାଣ କାର୍ଯ୍ୟ ଚାଲିଛି । ୬ଟି ଶିଳ୍ପାନୁଷ୍ଠାନ ତାଙ୍କ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି ବୋଲି ଜଣାପଡ଼ିଛି । ସେହିପରି ୨୦୧୮ ମସିହା ପାଇଁ ହସ୍ତଗତ ୧୧୨ ପ୍ରକଳ୍ପ ମଧ୍ୟରୁ ୧୦୦ଟିକୁ ମଂଜୁରୀ ପ୍ରଦାନ ସରିଛି । ଏଗୁଡ଼ିକ ମଧ୍ୟରୁ ୭୯ଟି ଇଡ୍‌କୋଙ୍କ ପ୍ରଦତ୍ତ ଜମି ଗ୍ରହଣ କରିଛନ୍ତି । ୫୮ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ୫ଟି କାର୍ଯ୍ୟାରମ୍ଭ କରିସାରିଛି । ଯେଉଁ ଆବେଦନକାରୀ ସଂସ୍ଥାଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ କୌଣସି ଯୋଗସୂତ୍ର ରକ୍ଷା କରୁନାହାନ୍ତି ସେଗୁଡ଼ିକୁ ବାଦ୍ ଦେବାକୁ ତାଲିକାଭୁକ୍ତ କରାଯାଉଛି । ପର୍ଯ୍ୟଟନ କ୍ଷେତ୍ରରେ କେତେକ ସଂସ୍ଥା ଆଦୌ ଆଗ୍ରହ ପ୍ରକାଶ କରୁନଥିବା ସମୀକ୍ଷାରୁ ଜଣାପଡ଼ିଛି । ତେବେ ପୋଷାକ ପ୍ରସ୍ତୁତି ଓ ଟେକ୍ସଟାଇଲ୍, ଏରୋସ୍ପେସ୍, ପେଟ୍ରୋକେମିକାଲ, ଖାଦ୍ୟ ପ୍ରକ୍ରିୟାକରଣ, ମେଟାଲ୍, ଲଜିଷ୍ଟିକ୍ ପରି କ୍ଷେତ୍ର ପାଇଁ ଆବେଦନ କରିଥିବା ସଂସ୍ଥାଗୁଡ଼ିକ ସହ ଇପିକଲ ଯୋଗସୂତ୍ର ରକ୍ଷା କରି କିପରି ସେସବୁ ପ୍ରକଳ୍ପ ଅଗ୍ରଗତି କରିପାରିବ ସେଥିପାଇଁ ଉଦ୍ୟମ କରିବାକୁ କୁହାଯାଇଛି । କେତେକ ସଂସ୍ଥା ରାଜ୍ୟର ବିଭିନ୍ନ ଶିଳ୍ପପାର୍କ ସ୍ଥାନ ପରିଦର୍ଶନ କରିସାରିବା ପରେ ବି ତାଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇନାହାନ୍ତି । ମେକ୍ ଇନ୍ ଓଡ଼ିଶା ବାହାରେ ୮୪ଟି ପ୍ରକଳ୍ପ ଆସିଥିବାବେଳେ ୭୭ଟିକୁ ମଂଜୁରୀ ପ୍ରଦାନ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ୫୪ଟି ସଂସ୍ଥା ଇଡ୍‌କୋଠାରୁ ଜମି ଗ୍ରହଣ କରିସାରିଛନ୍ତି ଏବଂ ୨୧ଟି ସଂସ୍ଥା ନିର୍ମାଣ କାର୍ଯ୍ୟ ଆରମ୍ଭ କରିସାରିଥିବାବେଳେ ୬ଟି କାର୍ଯ୍ୟାରମ୍ଭ କରିସାରିଛନ୍ତି । ସୋଲାର ଲାଇଟ୍ ପ୍ରକଳ୍ପଗୁଡ଼ିକୁ ଅଧିକ ଉତ୍ସାହିତ କରିବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । କେତେକ ସ୍ଥଳରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ସକାଶେ ବଡ଼ ଶିଳ୍ପସଂସ୍ଥାଗୁଡ଼ିକ ଅନୁକୂଳ ବାତାବରଣ ସୃଷ୍ଟି କରୁନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ତେଣୁ ଏ କ୍ଷେତ୍ରରେ ରହିଥିବା ସମସ୍ୟାର ଆଶୁ ସମାଧାନ ପାଇଁ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ସହ ବୈଠକ କରିବାକୁ ମନ୍ତ୍ରୀ ପ୍ରସ୍ତାବ ରଖିଥିଲେ । ଗଢ଼ିଉଠିଥିବା ଶିଳ୍ପ ସଂସ୍ଥାଗୁଡ଼ିକର ଉତ୍ପାଦ କ୍ରୟ ନିମନ୍ତେ ସରକାରୀ ସଂସ୍ଥାଗୁଡ଼ିକ ପାଇଁ ନୀତି ନିର୍ଦ୍ଧାରଣ କରିବାକୁ ଶିଳ୍ପୋଦ୍ୟୋଗୀମାନେ ଅନୁରୋଧ ଜଣାଇଥିବା ଗୃହରେ ପ୍ରକାଶ କରାଯାଇଥିଲା । ଆଇଓସିଏଲ୍‌କୁ ଟେକ୍ସଟାଇଲ୍ ସେକ୍ଟରରେ

କଲିକତାସ୍ଥିତ ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ଇପିକଲ ପତ୍ରାଳାପ କରିଥିବା ଜଣାପଡ଼ିଛି । ଏଥି ସହିତ ଗତ ୨୮ ତାରିଖ ଦିନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ପ୍ରତିଷ୍ଠା ଦିଗରେ ଜିଲ୍ଲାପାଳମାନଙ୍କୁ ଅଧିକ କ୍ଷମତା ପ୍ରଦାନ ଉପରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ବୈଠକରେ ଆଲୋଚନା କରାଯାଇଥିଲା । 'ମୋ ସରକାର' ଅଧୀନରେ ମନ୍ତ୍ରୀ ଓ ସଚିବସ୍ତରରେ ଶିଳ୍ପୋଦ୍ୟୋଗୀମାନଙ୍କୁ ଶିଳ୍ପ ପ୍ରତିଷ୍ଠା ନେଇ ଫୋନ୍ ଯୋଗେ ତାଙ୍କର ସମସ୍ୟା, ମିଳୁଥିବା ସରକାରୀ ସହଯୋଗ ପ୍ରଭୃତି ସଂପର୍କରେ ପଚାରି ବୁଝିବା କାର୍ଯ୍ୟ ଉତ୍ସାହଜନକ ଥିବା ଜଣାପଡ଼ିଛି ।

ଏହି ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନୀତିନ ଭାନୁଦାସ ଜାୱଲେ, ଯୁଗ୍ମ ସଚିବ ଶ୍ରୀ ଶୁଭେନ୍ଦ୍ର କୁମାର ନାୟକ ଏବଂ ସମସ୍ତ ବରିଷ୍ଠ ଅଧିକାରୀଗଣ
ଯୋଗଦେଇଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ